# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 30th April - 2026

**************************************

***Desk***

## ବିଧାନସଭା ସ୍ୱତନ୍ତ୍ର ଅଧିବେଶନ

ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆଜି  ଅନୁଷ୍ଠିତ ହେବ। ଏହି ଦିନିକିଆ ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ଓ ଶାସନ ବ୍ୟବସ୍ଥାରେ ସେମାନଙ୍କ ଭୂମିକା ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟିଙ୍କୁ ଭେଟି ଆଜିର ସ୍ୱତନ୍ତ୍ର ଅଧିବେଶନ ସମ୍ପର୍କରେ ଅବଗତ କରାଇଛନ୍ତି।

***Desk***

## ଆଣ୍ଟିସିପ୍ ମିଶାଇଲ୍ ପରୀକ୍ଷଣ

ପ୍ରତିରକ୍ଷା ଉନ୍ନୟନ ଓ ଗବେଷଣା ସଂସ୍ଥା - ଡି.ଆର୍.ଡି.ଓ. ଏବଂ ଭାରତୀୟ ନୌସେନାର ମିଳିତ ସହଯୋଗରେ ଗତକାଲି ଓଡ଼ିଶା-ବଙ୍ଗୋପସାଗର ଉପକୂଳରେ ସ୍ୱଳ୍ପଗାମୀ ନାଭାଲ୍ ଆଣ୍ଟିସିପ୍ ମିଶାଇଲ୍ - ସାଲ୍‌ଭୋ’ର ସଫଳ ପରୀକ୍ଷଣ ହୋଇଛି । ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ

ଆଇ.ଟି.ଆର୍. କ୍ଷେପଣାସ୍ତ୍ର ଘାଟୀର ତଥ୍ୟ ଅନୁସାରେ ଗୋଟିଏ ହେଲିକପ୍ଟରୁ ୨ଟି କ୍ଷେପଣାସ୍ତ୍ର ଦ୍ରୁତଗତିରେ ଉତ୍କ୍ଷେପଣ କରାଯାଇଥିଲା । ପ୍ରତିପକ୍ଷ ପଦକ୍ଷେପସ୍ୱରୂପ ଏକ ଆଣ୍ଟିସିପ୍ ମିଶାଇଲ୍ ସଫଳତାର ସହ ଲକ୍ଷ୍ୟଭେଦ କରିଥିଲା ।

***Desk***

# ସମୀକ୍ଷା ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଇଲା ଖଣି ଅଞ୍ଚଳରେ କମ୍ପାନୀମାନଙ୍କ ସିଏସଆର୍ ପ୍ରକଳ୍ପ ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଜନକଲ୍ୟାଣମୂଳକ କାର୍ଯ୍ୟ ସୁନିଶ୍ଚିତ କରିବାକୁ ମନ୍ତ୍ରୀ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଝାରସୁଗୁଡ଼ାରେ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ, ହସ୍ପିଟାଲ୍ ଓ ଷ୍ଟାଡିୟମ୍ ସହ ବିଭିନ୍ନ ପ୍ରକଳ୍ପ ପାଇଁ ସିଏସଆର୍ ପାଣ୍ଠି ଯୋଗାଣ ଓ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

*Malkangirigi/R*

# ସଚିବ - ପ୍ରକଳ୍ପ ସମୀକ୍ଷା

ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ତଥା ସଚିବ ଯାମିନୀ ଷଡ଼ଙ୍ଗୀ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଶ୍ରୀମତୀ ଷଡ଼ଙ୍ଗୀ’ ଦୁର୍ଗମ ଅଞ୍ଚଳରେ ଚାଲିଥିବା ଗ୍ରାମ୍ୟ ରାସ୍ତା, ଗୃହ ନିର୍ମାଣ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିଥିଲେ। ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମାରେ ସମ୍ପୂର୍ଣ୍ଣ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

*Desk*

# ନିଯୁକ୍ତିପତ୍ର

ଭୁବନେଶ୍ୱର ସରକାରୀ ପଲିଟେକ୍ନିକ୍‌ରେ ଆୟୋଜିତ କ୍ୟାମ୍ପସ୍-ଟୁ-କ୍ୟାରିଅର କାର୍ଯ୍ୟକ୍ରମରେ ୪ ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଗତକାଲି ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ’ ୱେଷ୍ଟ ଟୁ ୱେଲ୍‌ଥ୍ ସ୍କିଲ୍ ପାର୍କର ଉଦ୍‌ଘାଟନ ସହ ନାରୀ ବନ୍ଦନ ପୁସ୍ତିକାର ଉନ୍ମୋଚନ କରିଥିଲେ ।

***Sambalpur/R***

# ପୁଲିସ ସନ୍ତରଣ ପ୍ରତିଯୋଗିତ

ସମ୍ବଲପୁର ପୋଲିସ ପକ୍ଷରୁ ଆୟୋଜିତ ତୃତୀୟ ରାଜ୍ୟସ୍ତରୀୟ ପୋଲିସ ସନ୍ତରଣ ଓ କ୍ରସ୍ କଣ୍ଟ୍ରି ଚାମ୍ପିୟନସିପ୍-୨୦୨୬ର ଉଦଯାପନୀ ସମାରୋହରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗତକାଲି କୃତୀ କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରିଛନ୍ତି । ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବାଟାଲିୟନର ୧୪୧ ଜଣ କ୍ରୀଡ଼ାବିତ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

***Puri/R***

# ନୃସିଂହ ଜନ୍ମ

ପୁରୀ ଶ୍ରୀମନ୍ଦିରରେ ଆଜି ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଓ ନୃସିଂହ ଚତୁର୍ଦ୍ଦଶୀ ଅବସରରେ ନୃସିଂହ ଜନ୍ମ ନୀତି ପାଳନ ହେବ । ଚନ୍ଦନ ଯାତ୍ରାରୁ ଠାକୁରଙ୍କ ଫେରିବା ପରେ ପଞ୍ଚାମୃତ ମହାସ୍ନାନ, ଅଳଙ୍କାର, ପୂଜାର୍ଚ୍ଚନା ଓ ବିଭିନ୍ନ ପାରମ୍ପରିକ ନୀତି ସମ୍ପାଦନ ହେବ । ବିଜେ ନୃସିଂହଙ୍କୁ ଶ୍ରୀଜଗନ୍ନାଥବଲ୍ଲଭକୁ ନିଆଯାଇ ଭୋଗ ବନ୍ଦାପନା ପରେ ଶ୍ରୀମନ୍ଦିରକୁ ବାହୁଡ଼ା କରାଯିବ । ରଥଖଳାରେ ଆଜି ରୂପକାର ସେବକଙ୍କଦ୍ୱାରା କୋଣଗୁଜ ଅନୁକୂଳ ଓ ଭୋଇ ସେବକଙ୍କଦ୍ୱାରା ଯନ୍ତାଗାଡ଼ ଖୋଲା ପରମ୍ପରା ଆରମ୍ଭ ହେବ ।

*Ganjam/R*

# ଉତ୍କର୍ଷ କେନ୍ଦ୍ର

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ୍ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ୭ କୋଟି ୯୨ ଲକ୍ଷ ଟଙ୍କା ବ୍ୟୟରେ ଉତ୍କର୍ଷ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । କାର୍ଯ୍ୟକ୍ରମରେ 'ଗୁରୁ ଗୌରବ' ଓ 'ଭିତ୍ତିଭୂମି' ପ୍ରକାଶନ ଉନ୍ମୋଚନ ସହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

*Jharsuguda/R*

# ସୁଭଦ୍ରା ଶକ୍ତିମେଳା

ଝାରସୁଗୁଡ଼ା ଜିଲ୍ଲାରେ ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସମ୍ବଲପୁରୀ ଲୋକନୃତ୍ୟ, କୋରାପୁଟିଆ ଢେମସା, ମଲଖମ୍ବ, ପାଇକ ନୃତ୍ୟ ଓ ଭଜନ ସହ ବିଭିନ୍ନ ଆକର୍ଷଣୀୟ ପରିବେଷଣ ଦର୍ଶକଙ୍କୁ ମନୋମୁଗ୍ଧ କରିଥିଲା। ଝାରସୁଗୁଡା ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ମେଳାର ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଛି।

*Khurda/R*

## ପ୍ରଶିକ୍ଷଣ ଶିବିର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି । ଶିବିରରେ ୨୬୮ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ସରକାରୀ ନଥି ପ୍ରସ୍ତୁତି, ଚିଠିପତ୍ର, ଟିପ୍ପଣୀ ଓ ବୈଠକ ବିବରଣୀ ଆଦିରେ ଓଡ଼ିଆ ଭାଷାର କାର୍ଯ୍ୟକାରୀ ପ୍ରୟୋଗ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା ।

*Koraput/R*

## ଟ୍ରାଭେଲ୍ ବଜାର

କୋରାପୁଟର ଜୟପୁରଠାରେ ଆୟୋଜିତ ‘ଗ୍ରେଟ୍ ଇଣ୍ଡିଆନ୍ ଟ୍ରାଭେଲ୍ ବାଜାର’ରେ ଓଡ଼ିଶା ପର୍ଯ୍ୟଟନ ଦୁଇଟି ସମ୍ମାନଜନକ ପୁରସ୍କାର ହାସଲ କରିଛି । ପର୍ଯ୍ୟଟନ ଭିତ୍ତିଭୂମି ବିକାଶ, ନୀତିଗତ ସହାୟତା ଓ ପ୍ରଚାର ପ୍ରସାର ପାଇଁ ରାଜ୍ୟକୁ ‘ଆଉଟଷ୍ଟାଣ୍ଡିଂ କଣ୍ଟ୍ରିବ୍ୟୁସନ୍ ଇନ୍ ଟୁରିଜିମ୍ ଡେଭଲପମେଣ୍ଟ’ ପୁରସ୍କାର ମିଳିଥିବାବେଳେ ଓଡ଼ିଶା ପାଭିଲିୟନ ‘ଶ୍ରେଷ୍ଠ ଷ୍ଟଲ୍’ ସମ୍ମାନ ପାଇଛି ।

*Sonepur/R*

# ସଡ଼କ ସୁରକ୍ଷା ବୈଠକ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲାର ସଡକ ସୁରକ୍ଷା ବ୍ୟବସ୍ଥା ସୁଦୃଢ କରିବା, ବିଭିନ୍ନ ଛକରେ ଯାତାୟାତ ସଙ୍କେତ ସ୍ଥାପନ ଓ ସୁଧାର ଉପରେ ଗୁରୁତ୍ୱ ଦିଆଯାଇଛି।

*Desk*

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୯ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦିନ ତାପମାତ୍ରା ହ୍ରାସ ପାଇବା ନେଇ ଅନୁମାନ କରାଯାଇଛି । ରାଜ୍ୟର ୧୬ଟି ସ୍ଥାନରେ ଗତକାଲି ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ରହିଥିଲା । ବଲାଙ୍ଗିରଠାରେ ସର୍ବୋଚ୍ଚ ତାପମାତ୍ର ୪୩ ଦଶମିକ ୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିଲା ।

*****